# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**13 April - 2026**

**********************************

## ମୁଖ୍ୟ ସମ୍ବାଦ

- କେନ୍ଦୁଝର ଜିଲ୍ଲାରେ ୮୦ଟି ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ଓଡ଼ିଶାରେ ଲାଗୁ ହେଲା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ବିଧେୟକ-୨୦୨୬
- ନାରୀ ଶକ୍ତି ବନ୍ଦନ ଅଧିନିୟମ ମହିଳାଙ୍କ ସମ୍ମାନ, ମର୍ଯ୍ୟଦା, ନେତୃତ୍ୱ ଏବଂ ନିର୍ଣ୍ଣୟ ନେବାର କ୍ଷମତାକୁ ବହୁଗୁଣିତ କରିବ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଏବଂ

- ଚଳିତ ମୌସୁମୀରେ ସ୍ୱାଭାବିକଠାରୁ କମ୍ ବର୍ଷା ନେଇ ପାଣିପାଗ ବିଭାଗର ଅନୁମାନ

– ରାଜ୍ୟରେ ଆଗାମୀ ୭ଦିନ ପର୍ଯ୍ୟନ୍ତ ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

CMO

## ମୁଖ୍ୟମନ୍ତ୍ରୀ- କେନ୍ଦୁଝର ଗସ୍ତ

ସମୃଦ୍ଧ ଓଡ଼ିଶା ଗଠନ ପଇଁ ଭିତ୍ତିଭୂମିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲା  ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିବା ସହିତ ଯୋଡ଼ା– ବଡ଼ବିଲ୍ ବାଇପାସ ରିଙ୍ଗରୋଡ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨୯ କୋଟି ୪୧ ଲକ୍ଷ ବ୍ୟୟବରାଦରେ ୨୪ଟି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ୩୨୬ କୋଟି ୪୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୫୧ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଜି ଶିଳାନ୍ୟାସ କରିଛନ୍ତି। ବଡ଼ବିଲ ବାଇପାସ ରିଙ୍ଗରୋଡ୍‌ର ଦୈର୍ଘ୍ୟ ୧୮ କିଲୋମିଟର ୩୨୬ ମିଟର। ପ୍ରକଳ୍ପ ପାଇଁ ୧ ହଜାର ୫୮୧ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଡ଼ା, ବାସୁଦେବପୁର ଓ ବଡ଼ବିଲ ଅଞ୍ଚଳ ପାଇଁ ୨୯୮ କୋଟି ଟଙ୍କା ବ୍ୟୟରେ ଏକ ବିଦ୍ୟୁତ ସବ୍‌ଷ୍ଟେସନ୍ ନିର୍ମାଣ କରିବା ଏବଂ ୮ ଲେନ୍ ବିଶିଷ୍ଟ ବଡ଼ବିଲ-ପାରାଦ୍ୱୀପ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Desk

## ବିଶ୍ୱବିଦ୍ୟାଳୟ ବିଧେୟକ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ବିଧାନସଭାରେ ପାରିତ ହୋଇଥିବା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ବିଧେୟକ-୨୦୨୬କୁ ସ୍ୱୀକୃତି ପ୍ରଦାନ କରିବା ପରେ ଏହାକୁ ଓଡ଼ିଶାରେ ଲାଗୁ କରାଯାଇଛି। ଏହି ଅଧିନିୟମ ଲାଗୁ ହେବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

ରାଜ୍ୟପାଳଙ୍କୁ ଧନ୍ୟବାଦ ଜ୍ଞାପନ କରି କହିଛନ୍ତି, ଉଚ୍ଚଶିକ୍ଷାର ବିକାଶ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ ଅଧିନିୟମ-୨୦୨୬ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଅନୁସୂଚିତ ଜନଜାତି, ଜାତି ଏବଂ ଏସ୍.ଇ/ବିସି ବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବ। ଏଥିରେ ବିଭାଗ ଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ଉଚ୍ଛେଦ କରାଯାଇଛି। ଫଳରେ ଶିକ୍ଷକମାନଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଆଦି ପଦବୀରେ ଏହି ବର୍ଗଙ୍କ ପ୍ରତିନିଧିତ୍ୱକୁ ନିଶ୍ଚିତ କରାଯାଇପାରିବ। ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି, ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟରେ ବହୁଦିନ ଧରି ଖାଲି ପଡ଼ିଥିବା କୁଳପତି ପଦବୀକୁ ପୂରଣ କରାଯାଇଛି। ୧୪ଟି ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଓଡ଼ିଶାର ଶିକ୍ଷାବିତ୍‌ମାନେ ନିଯୁକ୍ତି ପାଇଛନ୍ତି। ଖାଲି ପଡ଼ିଥିବା ବାକି ପଦବୀର ପୂରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି।

Desk

## ଉପମୁଖ୍ୟମନ୍ତ୍ରୀ– ନାରୀ ଶକ୍ତି

ଦେଶରେ ସଶକ୍ତ ନାରୀ ଶକ୍ତି ଗଢ଼ି ତୋଳିବାରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଲୋଚନାରେ ଯୋଗଦେଇ କହିଛନ୍ତି, ଏହା ମହିଳାଙ୍କ ସମ୍ମାନ, ମର୍ଯ୍ୟଦା, ନେତୃତ୍ୱ ଏବଂ ନିର୍ଣ୍ଣୟ ନେବାର କ୍ଷମତାକୁ ବହୁଗୁଣିତ କରିବ।

**- V/O -**

ସଂସଦରେ ଆସନ୍ତା ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ଏହି ଅବସରରେ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଉଛି। ଏହି ତିନିଦିନକୁ ସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସମଗ୍ର ଦେଶରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ, ଶୋଭାଯାତ୍ରା, ପଦଯାତ୍ରା ଏବଂ ଦସ୍ତଖତ ଅଭିଯାନ ଆୟୋଜନ କରାଯାଇଛି।

BBSR/R

# ନୂଆ ଅବକାରୀ ନୀତି

ରାଜ୍ୟ ସରକାର ବେଆଇନ ନିଶା, ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ମଦ ଦୋକାନ ଆବଣ୍ଟନ ସମୟରେ ଇ-ଲଟେରୀ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଗୁରୁତ୍ୱ ଦେଉଛନ୍ତି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ନୂଆ ଅବକାରୀ ନୀତି ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ କହିଛନ୍ତି, ଅବକାରୀ ବ୍ୟବସ୍ଥାରେ ସୁଧାର ଆଣିବା ଦ୍ୱାରା ବେଆଇନ ନିଶା କାରବାରକୁ ନିୟନ୍ତ୍ରଣ କରାଯାଇପାରିବ ଏବଂ ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ। ନୂଆ ମଦଦୋକାନ ଖୋଲିବା ଏବଂ ଅଧିକ ମଦ ବିକ୍ରି କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ନୁହେଁ। ସରକାରଙ୍କ ମଦ୍ୟପାନକୁ ନିରୁତ୍ସାହିତ

କରିବା ପାଇଁ ଅତିରିକ୍ତ ନିଶାମୁକ୍ତ ସେସ୍ ଲାଗୁ କରିବା ପାଇଁ ଯୋଜନା କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

**- V/O -**

ନୂଆ ଅବକାରୀ ନୀତି ପ୍ରଣୟନ ସହିତ ସଠିକ୍ କାର୍ଯ୍ୟକାରୀ କରିବା ନେଇ ଆଜିର ବୈଠକରେ ଆଲୋଚନା ହୋଇଥିଲା ।

Nabarangpur/BHK/Kendrapara/Kalahandi/Gajapti/Balangir/Malkangiri/Nayagarh/Desk

## ‘ଆମ ରୁଚି, ଆମ ଖାଦ୍ୟ’ କାର୍ଯ୍ୟକ୍ରମ

ଓଡ଼ିଶାର ଗୌରବମୟ ଖାଦ୍ୟ ପରମ୍ପରାକୁ ଆହୁରି ବ୍ୟାପକ କରିବା ପାଇଁ ଓଡ଼ିଆ ପକ୍ଷର ତ୍ରିୟୋଦଶ ଦିବସରେ ଆଜି ‘ଆମ ରୁଚି, ଆମ ଖାଦ୍ୟ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଚେତନାରେ ପାରମ୍ପରିକ ଖାଦ୍ୟ ଏକ ଅବିଚ୍ଛେଦ୍ୟ ଅଙ୍ଗ । ରାଜ୍ୟର ଖାଦ୍ୟ କେବଳ ସ୍ୱାଦ ପାଇଁ ଆଦୃତ ନୁହେଁ । ଏହା ପୃଷ୍ଟି, ପ୍ରୀତି, ବିଜ୍ଞାନର ଅପୂର୍ବ ସମନ୍ୱୟ । ସ୍ଥାନୀୟ ସାମଗ୍ରୀ, ସନ୍ତୁଳିତ ପୋଷଣ ଓ ବିଜ୍ଞାନ ସମ୍ମତ ପାକ ପରମ୍ପରା ଆମ ବ୍ୟଞ୍ଜନକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମୃଦ୍ଧ ଖାଦ୍ୟ ପରମ୍ପରାକୁ ସମ୍ମାନ ଜଣାଇବା ସହିତ ଏହାର ସ୍ୱାଦକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ କହିଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଅବସରରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି ।

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଶିଖରପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ପାରମ୍ପରିକ ଓଡ଼ିଆ

ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଓଡ଼ିଆ ଖାଦ୍ୟ କେବଳ ଆମର ସ୍ୱାଦ ନୁହେଁ ଏହା ଆମ ସଂସ୍କୃତିର ପରିଚୟ ବୋଲି ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କହିଥିଲେ।

ମାଲକାନଗିରିସ୍ଥିତ ସଂସ୍କୃତି ଭବନ ପରିସରରେ 'ଆମ ରୁଚି, ଆମ ଖାଦ୍ୟ' କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ବଲାଙ୍ଗୀର ସଦର ବ୍ଲକ ପରିସରରେ ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ସରିତା ବାଗ ଉଦ୍‌ଘାଟନ କରିଥିଲେ। ପାରମ୍ପରିକ ଖାଦ୍ୟକୁ ଆପଣାଇ ସୁସ୍ଥ ଓ ନିରୋଗ ଜୀବନଯାପନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ଯୋଗଦେଇ ଓଡ଼ିଆ ସଂସ୍କୃତି ପରମ୍ପରାରେ ଖାଦ୍ୟପେୟର ଏକ ସ୍ୱତନ୍ତ୍ରତା ରହିଛି ବୋଲି କହିଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ୍ ବ୍ଲକରେ 'ଆମ ରୁଚି, ଆମ ଖାଦ୍ୟ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏଥିରେ ପାରମ୍ପରିକ ଖାଦ୍ୟ ଦିବସ ପାଳନ କରାଯିବା ସହିତ ସ୍ଥାନୀୟ ଖାଦ୍ୟ ସଂସ୍କୃତିକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

କଳାହାଣ୍ଡି ଜିଲ୍ଲା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ଏହି ଦିବସ ଅନୁଷ୍ଠିତ ହୋଇଯାଇଛି। ସାଂସଦ ମାଳବିକା ଦେବୀ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ପାରମ୍ପରିକ ରୁଚି ଖାଦ୍ୟ ଉପରେ ଆଲୋକପାତ କରିଥିଲେ।

ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ଅବସରରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବିଧାୟକ ଗୌରୀଶଙ୍କର ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ଓ ପଞ୍ଚାୟତ ସମିତି ପକ୍ଷରୁ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ଉଜ୍ଜୀବିତ ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

BHK/Deogarh

## ଜନଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ତୋଡ଼ଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ୨୩ଟି ଅଭିଯୋଗର ଶୁଣାଣି କରିଛନ୍ତି। ୫ ଜଣଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।

ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶୁଣାଣି ଶିବିରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ୧୮ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Ganjam

## ଭାରତ ସ୍ୱଦେଶୀ ମେଳା

ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ଚାଲିଥିବା ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ଉଦ୍‌ଯାପିତ ହୋଇଛି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳାରେ ରାଜ୍ୟର ସବୁ ଜିଲ୍ଲାର ୧୧୦ଟି ସ୍ୱୟଂସହାୟକ ଗୋଷ୍ଠୀ ତଥା ଉଦ୍ୟୋଗୀ ତାଙ୍କର ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରି କରିବାର ସୁଯୋଗ ପାଇଥିଲେ। ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ଅଧୀନରେ ରାଜ୍ୟ ତଥା ୧୫ଟି ଅନ୍ୟ ରାଜ୍ୟ ପକ୍ଷରୁ ୭୦ଟି ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଥିଲା। ଜିଲ୍ଲା କୃଷି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ୫୦ଟି ମଣ୍ଡପରେ ବିଭିନ୍ନ କୃଷି ଉପକରଣ ପ୍ରଦର୍ଶିତ ହୋଇଛି। ସୁଭଦ୍ରା ଶକ୍ତି ଖାଦ୍ୟ ମେଳାରେ ୨୫ଟି ଷ୍ଟଲ୍ ଖୋଲାଯାଇଥିଲା। ଜିଲ୍ଲା ପ୍ରଶାସନ ଦେଇଥିବା ସୂଚନା ଅନୁଯାୟୀ ମେଳାରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଛି।

Desk

## ପାଣିପାଗ

ଚଳିତ ବର୍ଷ ମୌସୁମୀ ଋତୁରେ ବର୍ଷାର ପରିମାଣ ହ୍ରାସ ପାଇବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଲ୍‌ନିନୋର

ପ୍ରଭାବରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ୨୦୨୫ ମସିହାରେ ଦେଶରେ ସ୍ୱାଭାବିକଠାରୁ ୧୦୮ ପ୍ରତିଶତ ବର୍ଷା ଅଧିକ ରେକର୍ଡ କରାଯାଇଥିଲା। ଦୀର୍ଘ ୩ ବର୍ଷ ପରେ ଚଳିତ ବର୍ଷ ଏହାର ପରିମାଣ ହ୍ରାସ ପାଇବାର ସମ୍ଭାବନା ରହିଛି।

ରାଜ୍ୟରେ ଗ୍ରୀଷ୍ମର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ୭ ଦିନ ପର୍ଯ୍ୟନ୍ତ ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗରମ ଓ ଗୁଳୁଗୁଳି ନେଇ ୧୧ଟି ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ହିଟ୍‌ୱେଭ୍ ନେଇ ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର ଓ କନ୍ଧମାଳ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଚେତାବନୀ ଜାରି ହୋଇଛି।